# ଓଡିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ

ବ୍ଲକ ନଂ -3 ଏବଂ 5, ୟୁନିଟ -1, ଭୁବନେଶ୍ୱର -751009

ଦୂରଭାଷ – 0674-2597149, 2597152 (ଅଫିସ୍), ଫାକ୍ସ- 0674-2597155, ୱେବସାଇଟ : www.osssc.gov.in

## ବିଜ୍ଞାପନ

ସଂଖ୍ୟା : IIE-21/2016-1398(C)/OSSSC   ତାରିଖ-22.12.2017

## "ୱାର୍ଡର" ପଦବୀର ପ୍ରାର୍ଥୀ /ପ୍ରାର୍ଥିନୀ ଚୟନ ନିମନ୍ତେ ଅନ୍ ଲାଇନ୍ ଦରଖାସ୍ତ ଆହ୍ୱାନ

ଓଡିଶା ସରକାରଙ୍କ ଗୃହ ବିଭାଗ ଅଧିନସ୍ଥ ବିଭିନ୍ନ ମଣ୍ଡଳର ଜେଲ ଗୁଡିକରେ ଖାଲିଥିବା ମୋଟ **238 ଟି "ୱାର୍ଡର"** ପଦବୀରେ ଚୁକ୍ତିଭିତ୍ତିକ ନିଯୁକ୍ତି ନିମନ୍ତେ **ପ୍ରାର୍ଥୀ/ପ୍ରାର୍ଥିନୀ** ଚୟନ ପାଇଁ ଓଡିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ/OSSSC, ଭୁବନେଶ୍ୱର ଅନ୍ ଲାଇନ୍ /online ଦରଖାସ୍ତ ଆହ୍ୱାନ କରୁଛନ୍ତି । ଏହି ମଣ୍ଡଳ ସ୍ତରୀୟ ପଦବୀ ଗୁଡିକର ସଂରକ୍ଷଣ ବର୍ଗୱାରି ତାଲିକା, ପଦବୀର ଦରମାହାର ତଥା ପାରିଶ୍ରମିକ, ବୟସ ସୀମା, ଶିକ୍ଷାଗତ ଓ ସାଧାରଣ ଯୋଗ୍ୟତା, ଦରଖାସ୍ତ କରିବା ପ୍ରଣାଳୀ ଏବଂ ଅନ୍ୟାନ୍ୟ ସର୍ତ୍ତାବଳୀର ସବିଶେଷ ତଥ୍ୟ ଏହି ଆୟୋଗଙ୍କ ବିଜ୍ଞାପନ **ସଂଖ୍ୟା- IIE-21/2016-1397(C)/OSSSC ତାରିଖ-22.12.2017ରେ** ଉଭୟ ଇଂରାଜୀ ଓ ଓଡିଆ ଭାଷାରେ OSSSC Website: www.osssc.gov.in ରେ ଉପଲବ୍ଧ କରାଯାଇଅଛି । ଆଗ୍ରହୀ ଯୋଗ୍ୟ ପ୍ରାର୍ଥୀ/ପ୍ରାର୍ଥିନୀମାନେ ଉକ୍ତ websiteକୁ ଯାଇ ନାମ ପଞ୍ଜୀକରଣ/ପୁନଃ ପଞ୍ଜୀକରଣ କରି online ଦରଖାସ୍ତ କରିପାରିବେ । ଆବେଦନ ପତ୍ର କେବଳ ଅନ୍ ଲାଇନ୍ ମାଧ୍ୟମରେ ଗ୍ରହଣ କରାଯିବ । ଉକ୍ତ ପରୀକ୍ଷାପାଇଁ ଅନୁସୂଚୀତ ଜାତି / ଜନଜାତି ପ୍ରାର୍ଥୀ / ପ୍ରାର୍ଥିନୀମାନଙ୍କ ବ୍ୟତୀତ ଅନ୍ୟ ସମସ୍ତ ଆବେଦନକାରୀଙ୍କୁ ୧୦୦ ଟଙ୍କା (ଏକଶତ ଟଙ୍କା) ମାତ୍ର ପରୀକ୍ଷା ଫି ଦାଖଲ କରିବାକୁ ପଡିବ। ଉପରୋକ୍ତ ୱେବସାଇଟ୍ ରେ ତାରିଖ **27.12.2017** ଠାରୁ ତାରିଖ **01.02.2018** ପର୍ଯ୍ୟନ୍ତ ଅନ୍ ଲାଇନ୍ ଆବେଦନ ପତ୍ର ଉପଲବ୍ଧ ହେବ । Online ପରୀକ୍ଷା ଫି ଦାଖଲର ଶେଷ ତାରିଖ **25.01.2018** ଏବଂ ଟ୍ରେଜେରୀ ଚାଲାଣ ଜରିଆରେ ଫି ପଇଠ ସହିତ ଦରଖାସ୍ତ ଦାଖଲର ଶେଷ ତାରିଖ **01.02.2018** ପର୍ଯ୍ୟନ୍ତ ରଖାଯାଇଅଛି । ଉପରୋକ୍ତ ସମୟସୀମା ପରେ ଏହି ପ୍ରକ୍ରିୟା ସ୍ୱୟଂକ୍ରିୟ ଭାବେ ବନ୍ଦ ହୋଇଯିବ । ଅସମ୍ପୂର୍ଣ୍ଣ ଅନ୍ ଲାଇନ୍ ଦରଖାସ୍ତ କିମ୍ବା କାଗଜ ଦରଖାସ୍ତ କିମ୍ବା ନିର୍ଦ୍ଧାରିତ ସମୟ ସୀମାପରେ ପ୍ରାପ୍ତ ଦରଖାସ୍ତ ଅଗ୍ରାହ୍ୟ ହେବ । ପୂରଣ ହେବାକୁ ଥିବା ପଦବୀ ସଂଖ୍ୟା ପରିବର୍ତ୍ତନ ହୋଇପାରେ । ଉକ୍ତପଦବୀ ପାଇଁ **ଶାରୀରିକ ମାନ ଓ ଦକ୍ଷତା ପରୀକ୍ଷା ଆପାତତଃ ତାରିଖ 18.02.2018** ଏବଂ **ଲିଖିତ ପରୀକ୍ଷା ଆପାତତଃ ତାରିଖ 18.03.2018** ରେ ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ଅନୁଷ୍ଠିତ ହେବ । ସବିଶେଷ ବିବରଣୀ ପାଇଁ ଆୟୋଗଙ୍କ ୱେବସାଇଟ-www.osssc.gov.inକୁ ପ୍ରାର୍ଥୀ/ପ୍ରାର୍ଥିନୀମାନେ ନିୟମିତ ନିରୀକ୍ଷଣ କରିପାରିବେ ।

**ଆୟୋଗଙ୍କ ଆଦେଶମତେ**

22/12/17

**ସଚିବ**